# ଜଳୁଛି ଜଙ୍ଗଲ, କାମ କରୁନି ସଚେତନତା



ଗୁଣପୁର ରେଞ୍ଜରେ ଥିବା ଜଙ୍ଗଲରେ ନିଆଁ ଲାଗିଛି ।

ରାୟଗଡ଼ା,୨୫ ।୩(ଆଶିଷ ରଞ୍ଜନ ପଣ୍ଡା)

ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପ୍ରତିବର୍ଷ ସଚେତନତା କରୁଥିବା ପ୍ରକାଶ କରୁଛି । ହେଲେ ଏହି ସଚେତନତା ସତ୍ତ୍ୱେ ପ୍ରତିବର୍ଷ ରାୟଗଡ଼ା ଜିଲାର ବିଭିନ୍ନ ରେଞ୍ଜ ଅଧୀନରେ ଥିବା ଜଙ୍ଗଲରେ ନିଆଁ ଲାଗି ମୂଲ୍ୟବାନ୍ ଗଛ ନଷ୍ଟ ହେଉଛି। ପ୍ରତିବର୍ଷ ଜଙ୍ଗଲ ଜଳୁଥିବା କାରଣରୁ ଜିଲାରେ ଜଙ୍ଗଲ କମିବାରେ ଲାଗିଛି। ଗତ ୨ ଦିନ ହେଲା କିଚିଖାଲ ଓ ସରାମୁଳି ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳିଛି। ମଝିଘରିଆଣୀ ମନ୍ଦିର ପୋଲ ତଳ ଝଞ୍ଜାବତୀ ନଦୀକୂଳରେ ଥିବା ଜଙ୍ଗଲରେ ମଙ୍ଗଳବାର ନିଆଁ ଲାଗିଥିଲା। ରାୟଗଡ଼ା-କୋରାପୁଟ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଗୁମ୍ମା ଓ ତଳଗୁମା ଜଙ୍ଗଲରେ ନିଆଁ ଲାଗିଥିଲେ ବି ଏହାକୁ ଆୟତ୍ତ କରିବା ପାଇଁ ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଦିବାଲୋକରେ ଜଙ୍ଗଲ ଜଳୁଥିଲେ ବି ପଦକ୍ଷେପ ଶୂନ । ହେଲେ ଜଙ୍ଗଲ ଜଳି ପାଉଁଶ ହୋଇଯିବା ପରେ ସେଥିରୁ ଅଙ୍ଗାର ସଂଗ୍ରହକରି ବିକ୍ରି ପାଇଁ ଆଣୁଥିବା ଲୋକଙ୍କୁ ଜଗି ବନ କର୍ମଚାରୀମାନେ ଜରିମାନା ଆଦାୟ କରୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ସେହିପରି ଗୁଣପୁର ରେଞ୍ଜ ଅଧୀନ କୈଳାସପୁର, ବାଗୁଡ଼ି, ହାତୀଖମ୍ବା, ରାୟଗଡ଼ା ରେଞ୍ଜ ଅନ୍ତର୍ଗତ ଲେକାପାଇ, ଡଙ୍ଗରଲେକାପାଇ, ମୁକୁନ୍ଦପୁର ଏବଂ ଟିକିରି ରେଞ୍ଜ ଶଙ୍କରଡ଼ା, ଏସ୍.ଡଙ୍ଗାସିଲ, କିଚିଖାଲ, ଲେଲିଗୁମ୍ମା ଆଦି ଗାଁ ନିକଟରେ ଥିବା ଜଙ୍ଗଲରେ ନିଆଁ ଲାଗି ବହୁ ପୁରୁଣା ଗଛ ଜଳି ନଷ୍ଟ ହୋଇଯାଇଛି। ସେହିପରି ମୁନିଗୁଡ଼ା ରେଞ୍ଜ ଅଧୀନ ଚାଟିକଣା, ସକଟା ସଂରକ୍ଷିତ ଜଙ୍ଗଲରେ ସର୍ବାଧିକ ଔଷଧୀୟ ବୃକ୍ଷ ରହିଛି। ହେଲେ ନିଆଁ ଲାଗିବା କାରଣରୁ ସେସବୁ ଲୋପପାଇବାରେ ଲାଗିଲାଣି । ଏଭଳିକି ଜନବସତିରୁ ଦୂରରେ ଥିବା ଜଙ୍ଗଲରେ ବି ନିଆଁ ଲାଗୁଛି। ଏ ସମ୍ପର୍କରେ ରାୟଗଡ଼ା ଡିଏଫ୍‌ଓ ସଚିନ ଆନାସାହେବ ଓହେଲଙ୍କୁ ପଚାରିବାରୁ ଜଙ୍ଗଲ ସୁରକ୍ଷା ଓ ନିଆଁ ରୋକିବା ପାଇଁ ବହୁତ ପଦକ୍ଷେପ ନିଆଯିବା ସହ ଲୋକଙ୍କୁ ସଚେତନ କରାଯାଉଛି। ନିଆଁ ଲାଗିବା ଖବର ମିଳିବା ପରେ ଦମକଳ ବାହିନୀ ସହାୟତାରେ ନିଆଁ ଲିଭାଯିବା ସହିତ ଲୋକଙ୍କୁ ସଚେତନ କରାଯାଉଛି ।

## ନାବାଳକଙ୍କୁ ଅପହରଣ ଉଦ୍ୟମ ଅଭିଯୋଗ



ପୋଲିସ ଘଟଣାର ତଦନ୍ତ କରୁଛି ।

ରାୟଗଡ଼ା, ୨୫ ।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଜଣେ ନାବାଳକଙ୍କୁ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ଜଣେ ୧୨ ବର୍ଷର ପିଲାକୁ ଜଣେ ବ୍ୟକ୍ତି ଠିକଣା ପଚାରିବା ଆଳରେ ଅପହରଣ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ପିଲାଟି ରାୟଗଡ଼ା ସହରର ସାଇପ୍ରିୟାନଗର ଅଞ୍ଚଳରେ ରହୁଥିବା ଗ୍ୟାରେଜ ମାଲିକ ଚନ୍ଦନ ବିଶ୍ୱକର୍ମାଙ୍କ ପୁଅ ଆୟୁଷ ବିଶ୍ୱକର୍ମା ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଆୟୁଷ କିଛି ସମୟ ପାଇଁ ବାହାରକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ସ୍କୁଟିରେ ଆସି ତାଙ୍କୁ ରାସ୍ତାରେ ଅଟକାଇ ଠିକଣା ପଚାରିଥିଲେ। ପରେ ଠିକଣାରେ ପହଞ୍ଚାଇ ଦେବାକୁ କହି ସ୍କୁଟିରେ ବସିବାକୁ ବାଧ କରିଥିଲେ। ହେଲେ ଆୟୁଷ ସାହସ ଦେଖାଇ ସେଠାରୁ ନିକଟସ୍ଥ ଏକ ପଡ଼ିଆ ପଟେ ଦୌଡ଼ିପଳାଇଥିବା ବେଳେ ଉକ୍ତ ସ୍କୁଟି ଚାଳକ ଜଣକ ପ୍ରାୟ ୨ଥର ଉକ୍ତ ସ୍ଥାନରେ ପଇଁତରା ମାରି ପିଲାକୁ ନ ପାଇ ସେଠାରୁ ଚାଲି ଯାଇଥିଲେ। ପରେ ଉକ୍ତ ରାସ୍ତାରେ ସ୍ଥାନୀୟ ଜଣେ ଚିହ୍ନା ବ୍ୟକ୍ତି ଆସୁଥିବା ଦେଖି ଆୟୁଷ ତାଙ୍କ ପାଖକୁ ଦୌଡ଼ି ଯାଇ ଘଟଣା ବିଷୟରେ କହିଥିଲେ। ଏହାପରେ ବ୍ୟକ୍ତି ଜଣଙ୍କ ଆୟୁଷଙ୍କୁ ସୁରକ୍ଷିତ ଭାବେ ନେଇ ତାଙ୍କ ନିଜ ଘରେ ଛାଡିଥିଲେ। ସେପଟେ ଆୟୁଷ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରୁଥିବା ବେଳେ ଆୟୁଷଙ୍କୁ ପାଇଥିଲେ। ପୁଅଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଆୟୁଷଙ୍କ ମା' ସୋନି ବିଶ୍ୱକର୍ମା ଟାଉନ୍ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ ଆରମ୍ଭ କରିଛି ଏବଂ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି ବୋଲି ଆଇଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।

## ସଂକ୍ଷେପରେ

### ଲୁହା ବୋଝେଇ ଟ୍ରାକ୍ଟର ଓଲଟିଲା, ଡ୍ରାଇଭର ଗୁରୁତର

କଲ୍ୟାଣସିଂହପୁର,୨୫।୩ (ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସିକରପାଇ ପଞ୍ଚାୟତ ଶାନ୍ତିନଗର ମୁଖ୍ୟ ରାସ୍ତା ବୁଲାଣିରେ ବୁଧବାର ସନ୍ଧ୍ୟାରେ ଏକ ଲୁହା ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରାକ୍ଟର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଟ୍ରାକ୍ଟର ନଂ (ଓଡି-୧୮ଏ-୧୨୧୫) ରାୟଗଡାରୁ ଲୁହା ବୋଝେଇ କରି କରପା ପଞ୍ଚାୟତର ସୁଲିପଦରକୁ ଯାଉଥିଲା। ଶାନ୍ତିନଗର ବୁଲାଣି ରାସ୍ତାରେ ଡ୍ରାଇଭର ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଥାନା ଆଇଆଇସି କଳ୍ପନା ବେହେରାଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ହେମନ୍ତ କୁମାର ବରିହା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

### ନୂଆ ଥାନା ଅଧିକାରୀଙ୍କୁ ସ୍ୱାଗତ



କଲ୍ୟାଣସିଂହପୁର,୨୫ ।୩ (ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ନୂତନ ଥାନା ଅଧିକାରୀ କଳ୍ପନା ବେହେରାଙ୍କୁ ବୁଧବାର ଭାଜପା କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ମାଝୀଗୁଡ଼ା (ଶିକାରପାଇ) ମଣ୍ଡଳ ସଭାପତି ଅନୀଲ କୁମାର ଜାଡିଙ୍କ ସହ ଭାଜପା ନେତା ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଇଆଇସି ବେହେରାଙ୍କ ସହ ଆଲୋଚନା କରିଥିଲେ। ଆଇଆଇସି ବେହେରା ପୂର୍ବରୁ ଆମ୍ବଦଳା ଥାନାରେ କାର୍ଯ୍ୟରତ ଥିଲେ। କଲ୍ୟାଣସିଂହପୁର ଥାନା ଆଇଆଇସି ନୀଳକଣ୍ଠ ବେହେରାଙ୍କ କାଶୀପୁର ଦୋରାଗୁଡା ଥାନାକୁ ବଦଳି ହେବା ପରେ ବେହେରା କଲ୍ୟାଣସିଂହପୁର ଥାନାକୁ ବଦଳି ହୋଇ ଆସିଛନ୍ତି। ସ୍ୱାଗତ କାର୍ଯ୍ୟକ୍ରମରେ ମାଝୀଗୁଡା (ଶିକାରପାଇ) ଭାଜପାର ବିନାୟକ କୁଲିଶିକା, ଏନ୍.ଜନାର୍ଦ୍ଦନ ରାଓ, ମନୋଜ କୁମାର ସେଠୀ, ରାମ ରାଓ କୁଲିଶିକା, କେଶରୀ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ଭଡ଼ାଘରେ ସେକ୍ସ ରାକେଟ:୨ ଯୁବତୀ ଉଦ୍ଧାର, ୩ ଯୁବକ ଅଟକ

ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ପୋଲିସ ବୁଧବାର ରାତି ସାଢ଼େ ୮ଟାରେ ଭାବିନୀପୁର ଅମରାବତୀ ନଗରରେ ଏକ ଭଡ଼ାଘରେ ଚଢ଼ାଉ କରିଛି। ଉକ୍ତ ଘରେ ସେକ୍ସ ରାକେଟ ଚାଲିଥିବା ବେଳେ ସେଠାରେ ଅସଂଯତ ଅବସ୍ଥାରେ ଥିବା ୨ ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଯୁବତୀ ଦ୍ୱୟଙ୍କୁ ସଖୀ କେନ୍ଦ୍ରରେ ରଖାଯିବ ବୋଲି ପୋଲିସ କହିଛି। ଅଟକ ଯୁବକ ମଧ୍ୟରେ ୨ଜଣ ଆନ୍ଧ୍ରପ୍ରଦେଶ ହୋଇଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟ ଯୁବକ ବୋଲି ଜଣାପଡିଛି। ଘଟଣାସ୍ଥଳରୁ ୨ଟି ବାଇକ, କଣ୍ଡୋମ ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି।

## ଜିଲା ସରପଞ୍ଚ ମହାସଂଘର ଦାବିପତ୍ର

ରାୟଗଡ଼ା, ୨୫ ।୩ (ଆଶିଷ ରଞ୍ଜନ ପଣ୍ଡା)



ସରପଞ୍ଚମାନେ ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

ରାୟଗଡ଼ା ଜିଲା ସରପଞ୍ଚ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ମହାସଂଘ ସଭାପତି ତାମାରାଓ ବିଡିକା ଓ ସାଧାରଣ ସମ୍ପାଦକ ଅଶୋକ କୁମାର ପୁଆଲାଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଗ୍ରାମ ପଞ୍ଚାୟତଗୁଡିକରେ ଟାଟା ପାୱାର ପକ୍ଷରୁ ପ୍ରଦାନ କରାଯାଉଥିବା ଇଲେକ୍ଟ୍ରିବିଲ୍ ଏବଂ ଟିଜିଏଫ୍ (ଟାଇଡ୍ ଗ୍ରାଣ୍ଟ ଫଣ୍ଡ) ଓ ୟୁଜିଏଫ୍ (ଅନ୍‌ଟାଇଡ୍ ଗ୍ରାଣ୍ଟ ଫଣ୍ଡ) ସ୍ଥାନାନ୍ତର ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ଦାବିପତ୍ରରେ ଉଲ୍ଲେଖ ରହିଛି, ଜିଲାର ୧୮୨ ଗ୍ରାମପଞ୍ଚାୟତକୁ ଆସୁଥିବା ଟିଜିଏଫ୍ ଫଣ୍ଡକୁ ଅନ୍ୟତ୍ର ପରିବର୍ତ୍ତନକରି ଇଲେକ୍ଟ୍ରି ବିଲ୍ ଜମାକରିବା ପାଇଁ ସରକାରଙ୍କ ଚିଠି ସଂଖ୍ୟା ୮୦୯୩/ପିଆର୍ ଆଣ୍ଡ ଡିଡବ୍ଲ୍ୟୁ/୨୫/୦୩/୨୦୨୬ ମାଧ୍ୟମରେ ପ୍ରତ୍ୟେକ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଗ୍ରାମପଞ୍ଚାୟତର ଟିଜିଏଫ୍ ଫଣ୍ଡକୁ ଅନ୍ୟତ୍ର ପରିବର୍ତ୍ତନକରି ବ୍ୟବହାର କରାଯାଇପାରୁଛି ତେବେ ବର୍ଷ ବର୍ଷ ଧରି ପଡି ରହିଥିବା ୟୁଜିଏଫ୍ ଫଣ୍ଡକୁ ମଧ୍ୟ ଅନ୍ୟତ୍ର ପରିବର୍ତ୍ତନକରି ଗ୍ରାମପଞ୍ଚାୟତର ବୃହତର ସ୍ୱାର୍ଥ ଦୃଷ୍ଟିରୁ ବ୍ୟବହାର କରାଗଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଦର୍ଶାଇଛନ୍ତି । ସେହିପରି ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଟାଟା ପାୱାର ବିନା ମିଟର ରିଡିଂରେ ମନଇଚ୍ଛା ବିଲ୍ ଦେଉଥିବା ଅଭିଯୋଗ ଆଣିଛି ମହାସଂଘ । ଏହାଦ୍ୱାରା ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅର୍ଥର ୪୦% ଇଲେକ୍ଟ୍ରି ବିଲ୍ ପୈଠ କରିବାରେ ବ୍ୟବହାର ହେଉଛି। ଏହା ପାଇଁ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ଯେପରି ଇଲେକ୍ଟ୍ରିବିଲ୍ ପାଇଁ ସ୍ୱତନ୍ତ୍ର ବଜେଟ ହୋଇଥିଲା, ସେହି ନିୟମାନୁସାରେ ଗ୍ରାମପଞ୍ଚାୟତକୁ ଅନୁଦାନ ଦିଆଯାଉ ବୋଲି ମହାସଂଘ ସାଧାରଣ ସମ୍ପାଦକ ପୁଆଲା ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସମସ୍ତ ସରପଞ୍ଚ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବୁ ବୋଲି ସଭାପତି ତାମାରାଓ ବିଡିକା କହିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ପିପିଲଗୁଡା ସରପଞ୍ଚ ରେଣୁକା ମଣ୍ଡାଙ୍ଗି, ଜେମାଦେଇପେଣ୍ଟ ସରପଞ୍ଚ ମିତା ପୁଆଲା,ଡଙ୍ଗାଲୋଡି ସରପଞ୍ଚ ଗଙ୍ଗାଧର କାଦ୍ରାକା, ମୁନିଗୁଡ଼ା ବ୍ଲକ ସରପଞ୍ଚ ସଂଘ, କାଶୀପୁର ବ୍ଲକ ଓ ଅନ୍ୟାନ୍ୟ ବ୍ଲକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଘୋଡ଼ାହାଡ଼ ନଦୀରୁ ଯୁବକଙ୍କ ମୃତଦେହ ଜବତ

ପାଟପୁର/ଦିଗପହଣ୍ଡି,୨୫।୩
(ସୀମାଞ୍ଚଳ ସାହୁ/ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ଜଣେ ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ବୁଧବାର ସକାଳେ ବାହାର କରିଛନ୍ତି। ମୃତକ ହେଲେ ପାଟପୁର ବସଷ୍ଟାଣ୍ଡ ନିକଟ ଗଣେଶ ନଗରର ନାରାୟଣ ସିଙ୍ଗ (୩୫)। ସେ ମଙ୍ଗଳବାର ସନ୍ଧ୍ୟାରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ବିଳମ୍ବିତ ରାତି ଯାଏ ନାରାୟଣ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ବୁଧବାର ଭୋରରେ ଗ୍ରାମର କେତେଜଣ ଲୋକ ନଦୀକୁ ଗାଧୋଇ ଯାଇଥିବା ବେଳେ ପାଣିରେ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାହାକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ନଂ.୬/୨୬ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା।

## ୪୦୫୬ କେଜି ଗଞ୍ଜେଇ ଜବତ

ବାଲିଗୁଡା,୨୫।୩ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ପୋଲିସ ଦୁଇଦିନରେ ବିଭିନ୍ନ ସ୍ଥାନରେ ଚଢାଉ କରି ୪୦୫୬ କେଜି ଗଞ୍ଜେଇ ଜବତ ପୋଲିସ କରିଛି। ମଙ୍ଗଳବାର ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଞ୍ଚଳ ଜଙ୍ଗଲରେ ଗଚ୍ଛିତ ଥିବା ୨୦୧୫ କେଜି ଗଞ୍ଜେଇ ଜବତ କରିଥିଲା। ପୁଣି ବୁଧବାର ଲଣ୍ଡାଗାଁ ପଞ୍ଚାୟତ ଜଙ୍ଗଲ ଅଞ୍ଚଳରୁ ଗଚ୍ଛିତ ଥିବା ୨୦୪୧ କେଜି ଗଞ୍ଜେଇ ଜବତ କରିଛି। କେହି ବ୍ୟବସାୟୀ ବାହାର ରାଜ୍ୟକୁ ଚାଲାଣ ପାଇଁ ଗଚ୍ଛିତ ରଖିଥିବା ପୋଲିସ ସନ୍ଦେହ କରୁଥିବା ଥାନା ଅଧିକାରୀ ଶିବରଞ୍ଜନ ସିଂହ କହିଛନ୍ତି ।

## ୨୬୬ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ



ଜଣେ ଦିବ୍ୟାଙ୍ଗଙ୍କ ସହ ବିଡିଓ ଓ ଜିଲା ଭିନ୍ନକ୍ଷମ ମହାସଂଘ କର୍ମକର୍ତ୍ତା ।

ଗୁଡ଼ାରି,୨୫।୩ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଗୁଡ଼ାରି ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଶୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ଶବର, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଦାନନ୍ଦ ସାହୁ, ପିଏ ମନୋଜ କୁମାର ମିଶାଲ, ସରପଞ୍ଚ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଜିଲା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ମଧ୍ୟ ଉପସ୍ଥିତ ଥିଲେ । ଶିବିରରେ ମୋଟ ୨୬୬ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକରଣ କରାଯିବା ସହ ଜଣଙ୍କୁ ଟ୍ରାଇଚୌକି ପ୍ରଦାନ କରାଯାଇଛି । ଏହାବ୍ୟତୀତ ୫ ଜଣଙ୍କ ଋଣ ଫର୍ମ, ୧୩ଟି ବର୍ଦ୍ଧିତ ଭତ୍ତା, ୧୯ ଜଣଙ୍କ ମଧୁବାବୁ ଭତ୍ତା ଫର୍ମ ଓ ୮ ଜଣଙ୍କ ବସ୍‌ପାସ୍ ଫର୍ମ ସଂଗ୍ରହ କରାଯାଇଛି ; ଯାହା ଆଗାମୀ ଦିନରେ ଅନୁମୋଦନ କରାଯାଇ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ । ଉକ୍ତ ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମାନସିକ ରୋଗ ବିଶେଷଜ୍ଞ, ନାସା କର୍ଣ୍ଣ ଗଳା ବିଶେଷଜ୍ଞ ଦ୍ୱାରା ୭୦ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସମୟସୀମା ମଧ୍ୟରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି।

## ଝରଣାପାଣି ପିଇ ଯୁବକ ଅସୁସ୍ଥ

କଲ୍ୟାଣସିଂହପୁର,୨୫ ।୩ (ଦୀପକ କୁମାର ପରିଡ଼ା)



ଝରଣାପାଣି ପିଇ ଜଣେ ଯୁବକ ଅସୁସ୍ଥ ହୋଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅସୁସ୍ଥ ଯୁବକ ହେଲେ କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ରାଇଲିମା ଗାଁର କାଳିଶ୍ୟାମ ହୁଇକା । ସେ ମଙ୍ଗଳବାର ପୂର୍ବାହ୍ନରେ କାଠ ସଂଗ୍ରହ ନିମନ୍ତେ ନିକଟସ୍ଥ ରାଇଲିମା ଜଳପ୍ରପାତ ଉପର ଜଙ୍ଗଲକୁ ଯାଇଥିଲେ। ପ୍ରବଳ ଖରା ଯୋଗୁ ଶୋଷହେବାରୁ ସେ ନିକଟସ୍ଥ ଝରଣାପାଣି ପିଇବା ସମୟରେ ତାଙ୍କ ପାଟି ଭିତରକୁ କୌଣସି ଏକ ପୋକ କିମ୍ବା ଅନ୍ୟ କିଛି ପଶିଯାଇଥିଲା। ସନ୍ଧ୍ୟାରେ ସେ ଘରକୁ ଆସି ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକଙ୍କୁ ସମସ୍ତ ବିଷୟରେ କହିଥିଲେ। ପରିବାର ଲୋକେ ବୁଧବାର ସକାଳେ ଆମ୍ବୁଲାନ୍ସ ସାହାଯ୍ୟରେ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ପ୍ରାଥମିକ ଚିକିତ୍ସା ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଜିଲା ଭାଜପା ସଭାପତିଙ୍କ ସହ ଉପସ୍ଥିତ କର୍ମକର୍ତ୍ତା ।

ଗୁଡାରି,୨୫।୩ (ପ୍ରମୋଦ କୁମାର ପତି)

ଗୁଡାରି ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ୨ଦିନ ଧରି ଚାଲିଥିବା ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ଜିଲା ସାଧାରଣ ସମ୍ପାଦକ ବନମାଳୀ ଗମାଙ୍ଗ, ସମ୍ପାଦକ ତରୁଣ ଗରଡ଼ିଆ, ଜିଲା ସଭାନେତ୍ରୀ ଗୌରୀ ମଣ୍ଡାଙ୍ଗୀ, ଜିଲା ଉପସଭାପତି ଶ୍ରୀନିବାସ ସ୍ୱାଇଁ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ପୂର୍ବତନ ଉପସଭାପତି ଉଦୟ ପାଢ଼ୀ, ବକ୍ତା ଭାବେ ୱାଇ. ଗଣପତି ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରିଥିଲେ। ଗୁଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଡ଼ାରି ମଣ୍ଡଳରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଆସନ୍ତା ପଞ୍ଚାୟତ ନିର୍ବାଚନ ନିମନ୍ତେ ବ୍ଲକରେ ଦଳୀୟ କର୍ମକର୍ତ୍ତାମାନେ କିପରି ନିଜକୁ ପ୍ରସ୍ତୁତି କରିବେ ସେ ନେଇ ଆଲୋଚନା କରିଥିଲେ। ଅତିଥିମାନେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତାଙ୍କ ମନରେ ନୂତନ ଉତ୍ସାହ ଓ ଦାୟିତ୍ୱବୋଧ ଯୋଗାଇଥିଲା। ସଂଗଠନକୁ ଆହୁରି ସୁଦୃଢ଼ କରିବା ଶୃଙ୍ଖଳିତ ଓ ସଂଘଟିତ କାର୍ଯ୍ୟପଦ୍ଧତିକୁ ଅନୁସରଣ କରିବା ସହ ରାଷ୍ଟ୍ରହିତରେ ନିଜକୁ ସମର୍ପିତ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଗୁଡାରି ବ୍ଲକ ସଭାପତି ଅନନ୍ତ ନାରାୟଣ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଭାଲିଡେଶନ ଆକ୍ଟକୁ ବିରୋଧ କରି ସ୍ମାରକପତ୍ର

ଗୁଣପୁର,୨୫ ।୩ ( ସୁଜାତା ପାଢ଼ୀ/ସଂକେତ ପାତ୍ର)

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ କଳାବ୍ୟାଜ୍ ପିନ୍ଧି ଶୋଭାଯାତ୍ରା




ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ କେନ୍ଦ୍ର ସରକାରଙ୍କ ଭାଲିଡେଶନ ଆକ୍ଟକୁ ବିରୋଧକରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ବୁଧବାର ପ୍ରଦାନ କରାଯାଇଛି । ସଂଘର ବରିଷ୍ଠ ନେତା ବଲ୍ଲଭ ନାରାୟଣ ଖାଡ଼ଙ୍ଗା, ନୀଳମାଧବ ପାଢ଼ୀ, କୈଳାସ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ପାଢ଼ୀ, ଜଗନ୍ନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁଣପୁର କୋର୍ଟ ନିକଟ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ସମସ୍ତେ ମିଳିତ ହୋଇ କଳାବ୍ୟାଜ୍ ପରିଧାନକରି ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ ଅଫିସ୍‌ରେ ପହଞ୍ଚିଥିଲେ । ସେଠାରେ କେନ୍ଦ୍ର ସରକାରଙ୍କ କଳା ଭାଲିଡେଶନ ଆକ୍ଟକୁ ବିରୋଧକରି ପ୍ରତିବାଦକରିବା ସହ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବିକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୟ ମହାନ୍ତି, ବାଙ୍ଗାରି ପଣ୍ଡା, ଉଦୟ ନାୟକ, ଭାସ୍କର ଦାସଙ୍କ ସହ ଶତାଧିକ ପେନ୍‌ସନଭୋଗୀ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ, ସଂଘର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଗୁଣପୁରଠାରେ ଗତ ଦିନରେ ଯୋଗଦେଇ ସରକାରଙ୍କ ଦ୍ୱାରା ପାରିତ ଭାଲିଡେଶନ ଆକ୍ଟ ୨୦୨୫ ର ଆଭିମୁଖ୍ୟ ଓ କଳା ଆଇନର କାର୍ଯ୍ୟକାରିତାକୁ ବିରୋଧ କରିଥିଲେ । ୨୫ ତାରିଖରେ ଏହା ବିରୋଧରେ ନୀରବ ଶୋଭାଯାତ୍ରାରେ ଯାଇ ଗୁଣପୁର ଉପଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହି କ୍ରମରେ ସର୍ବଭାରତୀୟ ପେନ୍‌ସନର୍ସ ଫେଡେରେଶନର କାର୍ଯ୍ୟକାରୀ ବୈଠକ, ରାଜ୍ୟ ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଆହ୍ୱାନ କ୍ରମେ ବୁଧବାର କଳାବ୍ୟାଜ ପରିଧାନ କରି 'କଳା ଦିବସ' ପାଳନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଆଇନକୁ ସରକାର ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ସଂଘ ଚେତାବନୀ ଦେଇଥିଲା ।

## ସଂକ୍ଷେପରେ

### ଏମ୍‌ଭି -୫୮, ଏମ୍‌ଭି -୯୫ରେ ବାସନ୍ତୀ ପୂଜା



ପଡିଆ, ୨୫।୩(ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ବ୍ଲକ୍ ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି ୫୮ ଓ ଗିରିକାନପଲ୍ଲୀ ପଞ୍ଚାୟତ ଏମ୍‌ଭି ୯୫ ଗ୍ରାମରେ ମା' ବାସନ୍ତୀଙ୍କ ପୂଜା ଧୁମ୍‌ଧାମରେ ଚାଲିଛି। ଗତ ସୋମବାର ସ୍ଥାନୀୟ ନଦୀରୁ ଜଳ ଆଣି ଘଟ ବସାଇବା ପରେ ମଙ୍ଗଳବାରଠାରୁ ଷଷ୍ଠୀ ପୂଜା ଆରମ୍ଭ ହୋଇଥିଲା। ଏହାପରେ ବଙ୍ଗୀୟ ରୀତିନୀତି ଅନୁସାରେ ମା' ଦୁର୍ଗାଙ୍କୁ ବାସନ୍ତୀ ରୂପରେ ପୂଜାର୍ଚ୍ଚନା କରାଯାଇଥିଲା। ଷଷ୍ଠୀରେ ଦେବୀ ମା'ଙ୍କୁ ଆହ୍ୱାନ କରାଯାଇ ସପ୍ତମୀରେ ଦେବୀପୂଜା କରାଯାଇଛି। ଅଷ୍ଟମୀ ଓ ନବମୀ ଦିନ ନବରାତ୍ର ପୂଜା ସହ ଶନିବାର ଦଶମୀ ପୂଜା ହେବ ବୋଲି ଜଣାପଡିଛି । ଏହି ଅବସରରେ ସ୍ଥାନୀୟ ପୂଜା ପଡିଆରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲିଥିବାରୁ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ ଜମୁଛି। ପୂଜା ପଡିଆରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏମଭି ୫୮ ବାସନ୍ତୀ ପୂଜା କମିଟିରେ ସଭାପତି ଶ୍ୟାମାନନ୍ଦ ହାଲଦାର, ସମ୍ପାଦକ ସୁବ୍ରତ ବାନାର୍ଜୀ, ଇନ୍ଦ୍ରଜିତ ସରକାର, ବାସୁଦେବ ସରଦାର ରହିଥିବା ବେଳେ ଏମ୍‌ଭି ୯୫ ପୂଜା କମିଟି ଅନନ୍ତ ମଣ୍ଡଳ, ଶଙ୍କର ଦତ୍ତ, କମଳ ମଣ୍ଡଳ, କୃଷ୍ଣପଦ ମିସ୍ତ୍ରୀ, ଅପୂର୍ବ ବିଶ୍ୱାସ ପ୍ରମୁଖ ରହି ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।

### ଦଣ୍ଡଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



କୋରୁକୋଣ୍ଡା, ୨୫।୩(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଳାଠାରେ ଥିବା ବହୁ ପୁରାତନ ମନ୍ଦିର ମା' ଦଣ୍ଡକାଳୀଙ୍କ ଝାମୁଯାତ୍ରା ବା ଦଣ୍ଡଯାତ୍ରା ପାଇଁ ବୁଧବାର ମନ୍ଦିର ପରିସରରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ପ୍ରଥମେ ବେଲ୍ଲବରଣ ଅବସରରେ ଏକ ବେଲ ଗଛର କାଠକୁ ଭକ୍ତମାନେ ଘଣ୍ଟ, ଢୋଲ ସାଙ୍ଗକୁ ମହୁରୀର ତାଳେତାଳେ ସହର ପରିକ୍ରମା କରି ମନ୍ଦିରକୁ ବରଣ କରି ଆଣିଥିଲେ। ପରେ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଆସନ୍ତା ଏପ୍ରିଲ ୨ତାରିଖରେ ମା'ଙ୍କର ଦଣ୍ଡଯାତ୍ରା ବାହାରିବ। ଏହାପରେ ଏହି ଦଣ୍ଡଯାତ୍ରା ଅବିଭକ୍ତ କୋରାପୁଟ ଜିଲାର ଅନେକ ସହର ସମେତ ଗୋବିନ୍ଦପାଲି, ବୈପାରିଗୁଡ଼ା, ସୁନାବେଡା, ଦାମନଯୋଡି,ବୋରିଗୁମ୍ମା, ପାପଡ଼ାହଣ୍ଡି ଓ ସ୍ଥାନୀୟ ଅଞ୍ଚଳରେ ୧୩ ଦିନ ଧରି ଯାତ୍ରା କରାଯିବ। ଆସନ୍ତା ପଣା ସଂକ୍ରାନ୍ତିରେ ଏହି ଦଣ୍ଡଯାତ୍ରା ଉଦ୍‌ଯାପିତ ହେବ। ପ୍ରତିବର୍ଷ ଗଞ୍ଜାମ ଜିଲା ରୀତିନୀତି ଅନୁଯାୟୀ ଏହି ଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଦଣ୍ଡଯାତ୍ରା କମିଟିର ସଭାପତି ଭାବେ ଗଜେନ୍ଦ୍ର ମହାନ୍ତି, ସମ୍ପାଦକ ବାବୁଲା ଡାକୁଆ ଓ କୋଷାଧକ୍ଷ ପିତାମ୍ବର ଭୂୟାଁଙ୍କ ସହ ପ୍ରାୟ ୩୦ଜଣ ମାନସିକଧାରୀ ଓ ଶତାଧିକ ଭକ୍ତ ଉପସ୍ଥିତ ରହିଥିଲେ ।

# ଦୁର୍ଗମ ଅଞ୍ଚଳରେ ବିକାଶକାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

## ଏପ୍ରିଲ ୧୫ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ମାଲକାନଗିରି, ୨୫ ।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଦୁର୍ଗମ ତଥା ପାହାଡ଼ିଆ ଅଞ୍ଚଳ ଭାବେ ପରିଚିତ ମାଥିଲି ବ୍ଲକ୍‌ର ତୁଳସୀ ପାହାଡ଼ ଅଞ୍ଚଳରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଗ୍ରାଧିକାର ଦିଆଯାଉଛି। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ବୁଧବାର ଏହି ଅଞ୍ଚଳ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ସମୀକ୍ଷା କରିବା ସହ ବହୁ ପ୍ରତୀକ୍ଷିତ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ତୁଳସୀ-ମାଟିଗୁଡ଼ା-ଗୁଗାପଦର-ଦଲଦଲି ରାସ୍ତା ନିର୍ମାଣ ଏହି ଅଞ୍ଚଳର ଗମନାଗମନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲାପାଳ ଏହି ରାସ୍ତା ନିର୍ମାଣର ଅଗ୍ରଗତି ପରଖିବା ସହ କାର୍ଯ୍ୟରେ ଯେପରି କୌଣସି ଅବହେଳା ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି।



ତୁଳସୀ ପାହାଡ଼ ଅଞ୍ଚଳରେ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟା ଦୂରକରିବା ପାଇଁ 'ଫରେଷ୍ଟ ଡାଇଭର୍ସନ' ପ୍ରସ୍ତାବ ତୁରନ୍ତ ପ୍ରସ୍ତୁତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମାଥିଲି ବିଡିଓ ପ୍ରମୋଦ ବେହେରା, ମାଥିଲି ତହସିଲଦାର ମାନସୀ ଭୋଇ, ବୈପାରିଗୁଡ଼ା ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଏସିଏଫ୍ ପ୍ରିୟଙ୍କା ମହୁକା ପ୍ରମୁଖ ସାମିଲ ଥିଲେ। ଏହା ସହ ଗ୍ରାମ୍ୟ ଉନ୍ନୟନ-୧ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ। ଜଙ୍ଗଲ ଜମିର ବ୍ୟବହାର ଓ ରାସ୍ତା ନିର୍ମାଣ ପାଇଁ ସମ୍ପୃକ୍ତ ତହସିଲ ଓ ଜଙ୍ଗଲ ବିଭାଗକୁ ଆସନ୍ତା ଏପ୍ରିଲ ୧୫ ତାରିଖ ସୁଦ୍ଧା ମିଳିତ ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ହସ୍ତଗତ ହେବା ପରେ ପରିବେଶ ପୋର୍ଟାଲରେ 'ଡାଇଭର୍ସନ ରୋଡ୍'ପାଇଁ ଆନୁଷ୍ଠାନିକ ଭାବେ ସବ୍‌ମିଶନ କରାଯିବ। ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଗମନାଗମନ ସମସ୍ୟା ଦୂରହେବା ସହ ବିକାଶଧାରା ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି।

# ୪ ଦଫା ଦାବି ନେଇ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ



କାଲିମେଳାରେ ବାରିକେଡ୍ କରି ରାସ୍ତା ଅବରୋଧ କରାଯାଇଛି।

କାଲିମେଳା/ଏମ୍‌ଭି-୭୯/ କୋରୁକୋଣ୍ଡା/ ପଡିଆ, ୨୫।୩ (ଜୀବନ କୃଷ୍ଣ ଦାସ/ ଆଶିଷ ବାଇନ/ ଶିବଦତ୍ତ ସାହୁ/ ଭାସ୍କର ରାଓ)

୪ ଦଫା ଦାବି ନେଇ ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହି ବନ୍ଦ ପ୍ରଭାବ କାଲିମେଳା ବ୍ଲକ୍‌ରେ ଦେଖିବାକୁ ମିଳିଥିଲା । କାଲିମେଳା ବ୍ଲକ କଂଗ୍ରେସ ସଭାପତି ଅଶୋକ ମିସ୍ତ୍ରିଙ୍କ ନେତୃତ୍ୱରେ ମାଲା ମାଡ଼ି, ଲ୍ୟାମ୍ପସ ସଭାପତି ବୁଦ୍ରା କବାସିଙ୍କ ସହ ବହୁ ନେତା କର୍ମୀ କାଲିମେଳା ମୁଖ୍ୟ ଛକ ଜାତୀୟ ରାଜପଥ ଉପରେ ବ୍ୟାରିକେଡ୍ ଦେଇ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ । ଏଥିସହ ସହ କାଲିମେଳାର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। କାଲିମେଳା ମୁଖ୍ୟ ବଜାର ଦେଇ ରାଞ୍ଚି-ବିଜୟୱାଡା ୩୨୬ ଜାତୀୟ ରାଜପଥ ଯାଇଥିବାବେଳେ ବନ୍ଦ ଯୋଗୁ ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଅନେକ ବସ୍ ଓ ଟ୍ରକ୍‌ଉଭୟ ପଟେ ଅଟକି ରହିଥିଲା। ସମସ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ଯାତାୟାତରେ ସମସ୍ୟା ଭୋଗି ଥିଲେ ।

ସେହିପରି କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ନଗର କଂଗ୍ରେସ ପକ୍ଷରୁ ସମସ୍ତ ସ୍କୁଲ, ଅଫିସ୍, ବ୍ୟାଙ୍କ, ପୋଷ୍ଟ ଅଫିସ୍ ଆଦି ବନ୍ଦ କରାଯାଇଥିଲା। ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହିତ ବସ୍ ଓ ଅଟୋ ବନ୍ଦ ରହିଥିଲା। କଂଗ୍ରେସ କର୍ମୀ ସହରରେ ବାଇକ ରାଲି କରିବା ସହିତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ପ୍ରବେଶ ପଥ ଓ ବାଲିମେଳା ଛକଠାରେ ଜୟପୁର ଓ ମାଲକାନଗିରି ରାସ୍ତା ଅବରୋଧ କରିଥିଲେ। ବାଲିମେଳା କଂଗ୍ରେସ ନଗର ସଭାପତି ସୁରେଶ ଖୋସ୍‌ଲାଙ୍କ ନେତୃତ୍ୱରେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇସାକ ଖୋସ୍‌ଲା, ରବି ହରିଜନ, ଗୋପବନ୍ଧୁ ସୁନା, ସୁରେଶ ନାୟକ, କମଳ ଖିଲ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପଡିଆ ବ୍ଲକ କଂଗ୍ରେସ ସଭାପତି ରୁଞ୍ଜା ଆନନ୍ଦ ରାଓଙ୍କ ନେତୃତ୍ୱରେ କର୍ମୀ ପ୍ରମୋଦ କୁମାର ସେଠୀ, ନାଗୁଲୁ ଜବଦାଇ, ଏମଡି ଇର୍ସାଦ ପ୍ରମୁଖ ରାମ ମନ୍ଦିର ଛକ ଓ କମାରଗୁଡା ଛକରେ ଅସ୍ଥାୟୀ ବ୍ୟାରିକେଡ କରି ରାସ୍ତା ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରିଥିଲେ। ୪ଦଫା ଦାବି ମଧ୍ୟରେ ଜିଲାରେ ଥିବା ସମସ୍ତ ମଣ୍ଡିରୁ ଧାନ ଉଠାଯାଉ, କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ, ଖାଲି ବସ୍ତାର ଟଙ୍କା ଫେରସ୍ତ, ଜାଳେଣି ଗ୍ୟାସ୍, ଆବଶ୍ୟକତା ଅନୁସାରେ ଠିକ୍ ସମୟରେ ପେଟ୍ରୋଲ ଓ ଡିଜେଲ ଯୋଗାଇଦେବା ଦାବି ରହିଛି।



ବାଲିମେଳାରେ କଂଗ୍ରେସ କର୍ମକର୍ତ୍ତାଙ୍କ ବାଇକ୍ ଶୋଭାଯାତ୍ରା।

# ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ସଚେତନତା କ୍ୟାମ୍ପ

ମାଲକାନଗିରି, ୨୫।୩ (ଦୁର୍ଯ୍ୟୋଧନ ପାତ୍ର)

ଓଡ଼ିଶା କୋଠାବାଡ଼ି ଓ ନର୍ମାଣ ଶ୍ରମିକ ବୋର୍ଡ ଅଧୀନରେ ଜିଲା ପ୍ରଶାସନ ପକ୍ଷରୁ ମାଲକାନଗିରି ବ୍ଲକ୍‌ର ପେଡ଼ାକୋଣ୍ଡା ଗ୍ରାମ ପଞ୍ଚାୟତଠାରେ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ, ନବୀକରଣ ଓ ସଚେତନତା କ୍ୟାମ୍ପ ଆୟୋଜନ କରାଯାଇଥିଲା। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା ଓ ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ ଉପସ୍ଥିତ ରହି ଏହି କ୍ୟାମ୍ପ ଆୟୋଜନ କରିଥିଲେ। ଏଥିରେ ୧୪୯ ଜଣ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ। ୫୭ ଜଣ ନିର୍ମାଣ ଶ୍ରମିକଙ୍କୁ ତ୍ୱରିତ ଶ୍ରମକାର୍ଡ ପାଇଁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରାଯିବା ସହ ୪୪ରୁ ଅଧିକ କୋଠାବାଡ଼ି ଓ ନିର୍ମାଣ ଶ୍ରମିକଙ୍କ କାର୍ଡ ନବୀକରଣ କରାଯାଇଥିଲା। ଏହି ଅବସରରେ ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ ଓ ଅଣ ସଂଗଠିତ ଶ୍ରମିକଙ୍କୁ ସେମାନଙ୍କର ପାଇଁ ଉପଲବ୍ଧ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ସେହିପରି ଅଚଳ ହୋଇଥିବା ଶ୍ରମକାର୍ଡକୁ ଆକ୍ଟିଭ କରାଯାଇଥିଲା । ଏହି କ୍ୟାମ୍ପକୁ ଆୟୋଜନ କରିବାରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ଚିନ୍ମୟ ରାଉତରାୟ, ରିଙ୍କୁ ରଞ୍ଜନ ଅଧିକାରୀ ଓ ସୋନାଲି ରାୟ ସହଯୋଗ କରିଥିଲେ। ଅନ୍‌ଲାଇନ ପଞ୍ଜୀକରଣ ନିମନ୍ତେ ମୋ ସେବା କେନ୍ଦ୍ରର କର୍ମଚାରୀ ମଧ ସହାୟତା କରିଥିଲେ।



ଶ୍ରମିକମାନେ ନାମ ପଞ୍ଜୀକରଣ କରୁଛନ୍ତି।

## ଅବକାରି ଚଢ଼ାଉ, ୨ ଅଭିଯୁକ୍ତ କୋର୍ଟରେ ହାଜର

ପାପଡ଼ାହାଣ୍ଡି, ୨୫ ।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲାପାଳ ମହେଶ୍ୱର ସ୍ୱାଇଁ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପାପଡ଼ାହାଣ୍ଡି ବ୍ଲକର ଗାଦବା କତରା ଓ ଡୁମ୍ବର୍ଲା ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ମଇଦଲପୁର ଥାନା ଗାଦବାକତରା ଗ୍ରାମରେ ଚଢ଼ାଉ ବେଳେ ଦୁର୍ଯ୍ୟୋଧନ ନାଏକଙ୍କ ନିକଟରୁ ୨୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଥିଲା। ପାପଡ଼ାହାଣ୍ଡି ଥାନା ଅଧୀନ ଡୁମ୍ବର୍ଲା ଗ୍ରାମରେ ଚଢ଼ାଉ କରି ନାଭିନା ହରିଜନଙ୍କ ନିକଟରୁ ୧୮ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ମିଳିଥିଲା। ତାହାକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ୨ ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଏହି ଚଢ଼ାଉରେ ପାପଡ଼ାହାଣ୍ଡି ଅବକାରୀ ଥାନାଧିକାରୀ ସମୀର ସ୍ୱାଇଁ, ରିସମା ସୁନା, ନାରାୟଣ ମୁଦୁଲି, ସୁଧାଂଶୁ ଆକ୍ରମ ଖାନ, ଉତ୍ତମ ମହାକୁଡ଼ ଓ ପ୍ରସାଦ ବଳବନ୍ତରାୟ ସହଯୋଗ କରିଥିଲେ।

# କାଲିମେଳା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

କାଲିମେଳା, ୨୫।୩ (ଜୀବନକୃଷ୍ଣ ଦାସ)

କାଲିମେଳା ବ୍ଲକ ସଦର ମହକୁମାସ୍ଥିତ ଆଶ୍ରମ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। କାଲିମେଳା ବ୍ଲକ ଅଧକ୍ଷା ସୁବାସିନୀ ସୋଡ଼ୀ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକ ଯୋଗ ଦେଇ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କାଲିମେଳା ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ, ଶିକ୍ଷକ ଧ୍ରୁବ ଚରଣ ନାୟକ, ଜାତୀୟ ପୁରସ୍କୃତପ୍ରାପ୍ତ ଶିକ୍ଷକ ନବ କିଶୋର ମଲ୍ଲିକ, ଏସ୍‌ବିଆଇ ଶାଖା ପରିଚାଳନା ଜଗତ କୁମାର ସାହୁ, କାଲିମେଳା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌମ୍ୟରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଦୀପଙ୍କର ମଣ୍ଡଳ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ଯୁବକ ଗୁରୁତର

ଡାବୁଗାଁ, ୨୫ ।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ-ଘୋଡାଖୁଣ୍ଟା ମୁଖ୍ୟ ରାସ୍ତାରେ ବୁଧବାର ଅପରାହ୍ନରେ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଡାବୁଗାଁ ବ୍ଲକ ଘୋଡାଖୁଣ୍ଟା ଗ୍ରାମ ନିକଟ ଅରୁବାଲି ଗ୍ରାମର ଅର୍ଜୁନ ଭତ୍ରା (୩୦)। ସୂଚନାନୁଯାୟୀ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଅର୍ଜୁନ (ଓଡି-୨୪ସି-୮୧୯୯)ରେ ଡାବୁଗାଁ ଅଭିମୁଖେ ଆସୁଥିବାବେଳେ ବୋରିଗାଁ- ଘୋଡାଖୁଣ୍ଟା ମୁଖ୍ୟ ରାସ୍ତାରେ ଏକଲବ୍ୟ ବିଦ୍ୟାଳୟ ନିକଟରେ ଦୁର୍ଘଟଣା ଘଟିଥିଲା। ଖବରପାଇ ଡାବୁଗାଁ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅର୍ଜୁନଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସିଂସାରୀ ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲକୁ ଜବତ କରି ତଦନ୍ତ କରୁଛନ୍ତି।

# ମୋବାଇଲ ଚୋରି, ସାଇବର ଠକେଇରେ ସମ୍ପୃକ୍ତ ୨ ଅଭିଯୁକ୍ତ ଗିରଫ

## ୭୫ ହଜାର ଟଙ୍କା, ୩ ମୋବାଇଲ ଜବତ

କୋରୁକୋଣ୍ଡା, ୨୫।୩ (ଶିବଦତ୍ତ ସାହୁ )

ମୋବାଇଲ ଚୋରି, ସାଇବର ଠକେଇରେ ସମ୍ପୃକ୍ତି ଅଭିଯୋଗରେ ଓର୍କେଲ ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ଗିରଫ ୨ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧିନସ୍ତ ଚାଟିଗୁଡା ଗ୍ରାମର ଦିଲୀପ ହରିଜନ (୨୫) ଏବଂ କାଇଗାଁର ଇନ୍ଦ୍ର ପାନକା (୧୯) । ସେମାନଙ୍କ ନିକଟରୁ ପୋଲିସ ନଗଦ ୭୫ ହଜାର ଟଙ୍କା ଓ ୩ ଟି ମୋବାଇଲ ଫୋନ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଅଧୀନ ସଦାଶିବପୁର ଗାଁର ଭୀମ କିସାନୀଙ୍କ ଘରୁ ଗତ ୨୦ ତାରିଖ ରାତିରେ ଏକ ମୋବାଇଲ ଫୋନ ଚୋରି ହୋଇଥିଲା। ଏହାପରେ ତାଙ୍କ ଆକାଉଣ୍ଟରୁ ୭୫ ହଜାର ଟଙ୍କା ଉଠାଯାଇଥିବା ସେ ଗତ ୨୩ ତାରିଖରେ ଜାଣିବାକୁ ପାଇଥିଲେ। ଏ ନେଇ ସେ ଓର୍କେଲ ଥାନାରେ ଏକ ଏତଲା ଦେଇଥିଲେ। ଥାନାରେ କେସ ନମ୍ବର ୮୧/୨୬ ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏଏସ୍‌ଆଇ ସୁରେଶ ବିସି ମାଝୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ମୋବାଇଲ ଟ୍ରାକ କରି ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ନବରଙ୍ଗପୁର ଅଞ୍ଚଳରୁ ଗିରଫ କରି ଥାନାକୁ ଆଣିଥିଲେ। ଚୋରି କରିଥିବା ମୋବାଇଲ ଫୋନରେ ଥିବା ତାଙ୍କର ଆଧାର କାର୍ଡ, ଫଟୋ ଏବଂ ଫଟୋ ପରିଚୟପତ୍ର ଆଧାରରେ ଅଭିଯୁକ୍ତମାନେ ଏକ ନୂତନ ଫୋନ ପେ ଆକାଉଣ୍ଟ ଖୋଲି ଭୀମଙ୍କ ଆକାଉଣ୍ଟରେ ଥିବା ୭୫ ହଜାର ଟଙ୍କା ସେମାନଙ୍କର ଆକାଉଣ୍ଟକ ଟ୍ରାନ୍ସଫର କରି ଟଙ୍କା ଉଠାଇଥିଲେ ବୋଲି ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।



ଗିରଫ ୨ ଅଭିଯୁକ୍ତ।

# ଶୁକ୍ରୁ ବହୁ ପୂର୍ବରୁ ଆତ୍ମସମର୍ପଣ କରିବାର ଥିଲା: ଶୁକଦେବ

## ଶୁକ୍ରୁଙ୍କ ଆତ୍ମସମର୍ପଣ ପରେ ପରିବାରବର୍ଗ ଆତ୍ମହରା

ମାଲକାନଗିରି, ୨୫ ।୩ (ଦୁର୍ଯ୍ୟୋଧନ ପାତ୍ର)

ଟପ୍ ମାଓବାଦୀ ଶୁକ୍ରୁ ଓରଫ୍ କଷା ସୋଡ଼ି ତାଙ୍କ ୪ ଜଣ ସହଯୋଗୀଙ୍କ ସହ କନ୍ଧମାଳ ଜିଲା ପୋଲିସ ନିକଟରେ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ଶୁକ୍ରୁ ଆତ୍ମସମର୍ପଣ କରିଥିବା ମାଲକାନଗିରି ଜିଲା କାଲିମେଳା ଥାନା ବଡିଗେଟା ପଞ୍ଚାୟତ ଅନ୍ତର୍ଗତ କୁରୁବୁ ଗ୍ରାମର ଶୁକ୍ରୁଙ୍କ ପରିବାର ଲୋକେ ଖବରପାଇ ଆତ୍ମହରା ହୋଇପଡ଼ିଛନ୍ତି। ବିଶେଷକରି ଶୁକ୍ରୁଙ୍କ ଖୁଡ଼ୀ ଉରେ ସୋଡ଼ି ଛଳଛଳ ଆଖିରେ କହିଛନ୍ତି, ଦୀର୍ଘ ୩୦ ବର୍ଷ ପରେ ପୁତୁରା ପୋଲିସକୁ ଧରା ଦେଇଥିବାରୁ ଆମେ ବହୁତ ଖୁସି। ଶୁକ୍ରୁ କେବେ ଗ୍ରାମକୁ ଫେରିବ ସେ ବାଟକୁ ଚାହିଁ ବସିଛୁ। ଶୁକ୍ରୁଙ୍କ ଅନୁପସ୍ଥିତିରେ ତାଙ୍କ ମାତାପିତାଙ୍କ ମୃତ୍ୟୁ ହୋଇଥିବାରୁ ସେ ଆଉ ତାଙ୍କ ମୁହଁ ଦେଖି ପାରିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ୧୫ ବର୍ଷ ପୂର୍ବରୁ ମାଲକାନଗିରି ଥାନା ଅଞ୍ଚଳ ଟେକଗୁଡାର ଟପ୍ ମାଓବାଦୀ ନେତା ଥିବା ଶୁକଦେବ ପୋଲିସ ନିକଟରେ ଆତ୍ମସମର୍ପଣକରି ମୁଖ୍ୟସ୍ରୋତକୁ ଫେରିବା ପରେ ସେ ବର୍ତ୍ତମାନ ଚାଷ କାର୍ଯ୍ୟ କରି ପରିବାର ସହ ଖୁସିରେ ଅଛନ୍ତି। ଶୁକ୍ରୁ ବହୁ ପୂର୍ବରୁ ଆତ୍ମସମର୍ପଣ କରିବାର ଥିଲା ବୋଲି ଶୁକଦେବ କହିଛନ୍ତି।



ଶୁକ୍ରୁଙ୍କ ଖୁଡ଼ୀ ଉରେ ସୋଡ଼ି।

ଏକଦା ମାଲକାନଗିରି ଜିଲା ମାଓବାଦୀଙ୍କ ଆଡ୍ଡା ଭାବେ ପରିଚିତ ଥିଲା। କାଲିମେଳା ଥାନା ବଡିଗେଟା ପଞ୍ଚାୟତ ଅନ୍ତର୍ଗତ କୁରୁବୁ ଗ୍ରାମର ଶୁକ୍ରୁ ୧୯୯୫ରେ ମାଓବାଦୀ ସଂଗଠନରେ ଯୋଗଦେଇ ଘର ଛାଡ଼ି ପଳାଇଥିଲେ । ସେହି ସମୟରେ ଶୁକ୍ରୁଙ୍କ ଯୁବାବସ୍ଥା ଥିବା ବେଳେ ସେ ନିଜ ପିତାମାତା ଓ ପରିବାରବର୍ଗଙ୍କୁ ଛାଡ଼ି କେକେବିଏନ୍ ଡିଭିଜନରେ ଯୋଗଦେଇଥିଲେ । ଦୀର୍ଘ ୩୦ ବର୍ଷ ଧରି କନ୍ଧମାଳ ଜିଲାରେ ରହି ଆତଙ୍କ ଖେଳାଇବା ସହ ସେ ରାଜ୍ୟ କମିଟିର ଜଣେ ବରିଷ୍ଠ ସଦସ୍ୟ ଭାବେ କାର୍ଯ୍ୟରତ ଥିଲେ। ଏଥିସହ ସେ ମାଓବାଦୀ ସଂଗଠନର ଜଣେ ମହିଳା ସଦସ୍ୟାଙ୍କୁ ବିବାହ କରିଥିଲେ। ଉଭୟ ସ୍ୱାମୀସ୍ତ୍ରୀ ସଂଗଠନରେ ସକ୍ରିୟ ଥାଇ ସରକାରଙ୍କ ନିଦ ହଜାଇ ଦେଇଥିଲେ। ସେହିଦିନ ଠାରୁ ବର୍ତ୍ତମାନ ସୁଦ୍ଧା ନିଜ ଗ୍ରାମକୁ ସେ ଫେରି ନ ଥିବା ବେଳେ ଇତିମଧ୍ୟରେ ଶୁକ୍ରୁଙ୍କ ପିତାମାତା ପୁଅକୁ ଝୁରିଝୁରି ଦେହତ୍ୟାଗ କରିଥିଲେ । ତେବେ ଶୁକ୍ରୁଙ୍କ ଠିକଣା ଜାଣି ନ ଥିବାରୁ ପରିବାରର ଅନ୍ୟ ସଦସ୍ୟମାନେ ଚିନ୍ତାରେ ଥିଲେ । ଗତ ଜାନୁଆରୀରେ ଶୁକ୍ରୁଙ୍କ ଠିକଣା ଓ ଫୋନ୍ ନମ୍ବର କୌଣସି ସୂତ୍ରରୁ ପାଇବା ପରେ ଶୁକ୍ରୁଙ୍କ ଖୁଡ଼ୀ ଉରେ ସୋଡ଼ି, ପୁତୁରା ଆଡମା ସୋଡ଼ି ଓ ଭଣଜା ତାଙ୍କ ସହ ଯୋଗାଯୋଗ କରି ଆତ୍ମସମର୍ପଣ କରି ନିଜ ଗ୍ରାମକୁ ଫେରି ଆସିବା ପାଇଁ ନିବେଦନ କରିଥିଲେ ବୋଲି କହିଛନ୍ତି।

# ନଥିପତ୍ର ପରିଚାଳନା, ଉନ୍ନତମାନର ସେବାକୁ ଗୁରୁତ୍ୱ




ଶିବିରରେ ତାଲିମଦାତା ଓ ତାଲିମାର୍ଥୀ।

## ଆଇଏସ୍‌ଓ, ପିଏଲ୍‌ସିର କାର୍ଯ୍ୟକାରିତା ଉପରେ ତାଲିମ

ଡାବୁଗାଁ, ୨୫ ।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଆଇଏସ୍‌ଓ ଏବଂ ପିଏଲ୍‌ସିର କାର୍ଯ୍ୟକାରିତା ଉପରେ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତୀୟମାନକ ସଙ୍ଗଠନ ପ୍ରମାଣପତ୍ର ପାଇବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି, ନଥିପତ୍ର ପରିଚାଳନା, ଉନ୍ନତମାନର ସେବା ପ୍ରଦାନ ଉପରେ ଆଲୋଚନା କରାଯାଇଛି। ଆଇଏସ୍‌ଓ କରିବା ପାଇଁ ଆବଶ୍ୟକତା ଓ ଅସୁବିଧା ସମ୍ପର୍କରେ ଆଲୋଚାନ ସହ ପଞ୍ଚାୟତ ଶିକ୍ଷଣ କେନ୍ଦ୍ର ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ ଓ ପଞ୍ଚାୟତସ୍ତରୀୟ କର୍ମଚାରୀଙ୍କୁ ତାଲିମ ଦିଆଯିବ। ଏଥିରେ ପ୍ରଶିକ୍ଷକ ଭାବେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବ୍ୟଶଙ୍କର ପୂଜାରୀ, ନରେଶ ଜାଲ ଓ କାମିନୀ ହରିଜନ, ଏଡିଓ ୫ ଜଣ, ଅଙ୍ଗନୱାଡି କର୍ମୀ ୨୫ ଜଣ, ଆଶା କର୍ମୀ ୨୦ ଓ ସିଆରପି ୧୦ ଜଣ ତାଲିମ ନେଇଥିଲେ।

**ଦେଶୀମଦ ଚାଲାଣବେଳେ ଚଢ଼ାଉ, ଜଣେ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ): ଦେଶୀମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ବୁଧବାର ଚଢ଼ାଉ ବେଳେ ବଡ଼ଓଜେଇ ଗ୍ରାମର ଲକ୍ଷ୍ମଣ ନାୟକଙ୍କୁ ଗିରଫ କରାଯାଇଛି। ଏକ ସ୍କୁଟିରେ ଦେଶୀମଦ ଜୟପୁରକୁ ଚାଲାଣ ହେଉଥିବା ଖବରପାଇ ଅବକାରୀ ଥାନା କର୍ମଚାରୀମାନେ ପାଞ୍ଜିଆଗୁଡ଼ା ରାସ୍ତାରେ ଚଢ଼ାଉ କରିଥିଲେ। ସେମାନେ ଅଭିଯୁକ୍ତଙ୍କୁ ଧରି ୧୮ ଲିଟର ଦେଶୀ ମଦ ଓ ସହ ତାଙ୍କ ସ୍କୁଟିକୁ ଜବତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓ ଆଇସି ସୁବ୍ରତ କେଶୋରୀ ହିରନ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମା'ବିମଳାଙ୍କ ମନ୍ଦିରରେ ମହାଷ୍ଟମୀ

ଦାମନଯୋଡି, ୨୫।୩(ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ନାଲକୋ ଟାଉନସିପ ସେକ୍ଟର ୧ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା'ବିମଳାଙ୍କ ମନ୍ଦିରରେ ବୁଧବାର ମହାସପ୍ତମୀ ଓ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ନବରାତ୍ର ଅବସରରେ ବୁଧବାର ଅପରାହ୍ଣରୁ ମହାଷ୍ଟମୀ ଆରମ୍ଭ ହୋଇଥିଲା। ସକାଳେ ସୂର୍ଯ୍ୟ ପୂଜା, ନବଗ୍ରହ ପୂଜା, ଅଷ୍ଟମାତୃକା ପୂଜା, ମା'ଙ୍କର ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ ଓ ଯଜ୍ଞ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଦିଆଯାଇଛି। ପୂଜକ ରାମକୃଷ୍ଣ ମିଶ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ତପନ ମହାପାତ୍ର ଓ ତାଙ୍କ ସ୍ତ୍ରୀ ସଙ୍ଗୀତା କୁମାରୀ ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ, ଆର.ଏନ.ମୁଦୁଲି, ଖଦାଳ ନାୟକ ପୂଜା ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ବ୍ରତ ପାଳନ କରି ମା'ଙ୍କର ପୂଜାର୍ଚ୍ଚନା କରିଥିଲେ।

### ହିକିମପୁଟ ଆଶ୍ରମ ବିଦ୍ୟାଳୟରେ ମକ୍‌ଡ୍ରିଲ୍

ନନ୍ଦପୁର, ୨୫।୩(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ ଅଗ୍ନିଶମ ବାହିନୀ କର୍ତ୍ତୃପକ୍ଷ ବୁଧବାର ହିକିମପୁଟ ପଞ୍ଚାୟତ ସଦରସ୍ଥିତ ସେବାଶ୍ରମ ବିଦ୍ୟାଳୟରେ ମକ୍‌ଡ୍ରିଲ୍ ଆୟୋଜନ କରିଥିଲେ। ନିଆଁ, ପାଣି, ପବନ, ଘଡ଼ଘଡ଼ି ଓ ବିଦ୍ୟୁତ୍‌ଜନିତ ବିପର୍ଯ୍ୟୟ ସମୟରେ ନିଜେ ବଞ୍ଚିବା ସହ କିପରି ଅନ୍ୟମାନଙ୍କୁ ସୁରକ୍ଷିତ ରଖିହେବ ସେ ନେଇ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ବିଭିନ୍ନ କୌଶଳ ଶିଖାଯାଇଥିଲା। କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲ, ମୁଖ୍ୟ ଅଗ୍ନିଯୋଦ୍ଧା ନୀଳାଚଳ ନାହାକ, ଅଗ୍ନିଯୋଦ୍ଧା ପ୍ରକାଶ କିଷାନ ରଞ୍ଜନ, ମଲ୍ଲିକ ଜଗନ୍ନାଥ ଦଳାଇ, ଅମିତ ଦାସ ପ୍ରମୁଖ ଏହି କୌଶଳ ଶିଖାଇଥିଲେ।

### ଖୁଦୁଖୁଡ଼ି ଖେଳ ଉପରେ ଚଢାଉ

ଜୟପୁର, ୨୫।୩(ପବନ ପାଣିଗ୍ରାହୀ)

ଖୁଦୁଖୁଡି ଖେଳ ଚାଲୁଥିବାବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି। ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଜୁଆ ଖେଳ ଚାଲୁଥିବା ସୂଚନା ପାଇ ଫାମ୍ପୁଣି ହରିଜନ ସାହିରେ ଚଢାଉ କରିଥିଲା। ପୋଲିସକୁ ଦେଖି ଜୁଆଡିମାନେ ଚମ୍ପଟ ମାରିଥିଲେ। ଏହି ସମୟରେ ଜଣଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛଡ଼ାଯାଇଛି। ୨୫୬୦ ଟଙ୍କା ଖୁଦୁଖୁଡି ସାମଗ୍ରୀ ମିଳିଥିବା ସଦର ପୋଲିସ ପକ୍ଷରୁ କୁହାଯାଇଛି।

### ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ଜୟପୁର, ୨୫।୩(ପବନ ପାଣିଗ୍ରାହୀ)

ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେଇ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁନ୍ଦୁରା ଥାନା ଅଧୀନ ବାଣ୍ଣଆଗୁଡ଼ା ଅଞ୍ଚଳର ମଧୁ ମୁଦୁଲି। ଏ ନେଇ ମୃତକଙ୍କ ଭାଇ ତୁଳାରାମ ମୁଦୁଲି ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ, ମଧ ଜୟପୁରରୁ କାମ ସାରି ବାଇକରେ ଘରକୁ ଫେରୁଥିଲେ। ଏହି ସମୟରେ ଘାଟ ବାଗ୍ରା ନିକଟରେ ଠିଆ ହୋଇଥିବା ଏକ ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେଇଥିଲେ। ଏଥିରେ ମଧୁଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ତଦନ୍ତ ଆରମ୍ଭ କରିଥିବା ସଦର ପୋଲିସ ସୂଚନା ଦେଇଛି।

# କାମ ବନ୍ଦ କରାଇଲେ ଜନପ୍ରତିନିଧି, ଗ୍ରାମବାସୀ

ଦଶମନ୍ତପୁର, ୨୫।୩(ଅରବିନ୍ଦ ନାୟକ)


କେନାଲ କାମ ବନ୍ଦ କରିବାକୁ ଯାଇଥିବା ଗ୍ରାମବାସୀ।

- ଆବଶ୍ୟକ ନ ଥିବା ସ୍ଥାନରେ କେନାଲ ନିର୍ମାଣକୁ ବିରୋଧ
- ପାଣି ନ ମାଡ଼ିବା ସତ୍ତ୍ୱେ ଚାଷୀ ଜଳକର ଦେଉଥିବା ଅଭିଯୋଗ

ଆବଶ୍ୟକ ନ ଥିବା ସ୍ଥାନରେ କେନାଲ ନିର୍ମାଣ କରାଯାଉଥିବା ଅଭିଯୋଗ ଆଣି ଚାଷୀ ଓ ଗ୍ରାମବାସୀ ତାହାକୁ ବିରୋଧକରି କାମ ବନ୍ଦ କରାଇଛନ୍ତି। ବୁଧବାର କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ପଞ୍ଚାୟତ ବାଣ୍ଣଆଗୁଡ଼ାରୁ ଏହି ଘଟଣା ସାମ୍ନାକୁ ଆସିଛି।

କୃଷି ଉପଯୋଗୀ ଜମିରେ ଜଳସେଚନ ନିମନ୍ତେ ୧୯୮୪ରେ ତତ୍କାଳୀନ ରାଜ୍ୟପାଳ ବିଶ୍ୱମ୍ଭରନାଥ ପାଣ୍ଡେ ଡ୍ୟାମ୍‌ର ଉଦ୍‌ଘାଟନ କରିଥିଲେ। ଏହି ଡ୍ୟାମ୍ ପାଣି ଏହାଠାରୁ ପ୍ରାୟ ୩ କି.ମି. ଦୂରରେ ଥିବା କଲାଟିଗୁଡ଼ା ଓ ୧ କି.ମି. ଦୂର ବାଣ୍ଣଆଗୁଡ଼ା ପର୍ଯ୍ୟନ୍ତ ଜଳସେଚନ ପାଇଁ କରାଯାଇଥିଲା। ସେହିଦିନଠାରୁ କେନାଲ ପାଣି ମେଡିକାଲ ଛକ ପର୍ଯ୍ୟନ୍ତ ହିଁ ମାଡି ଆସୁଅଛି। ତେବେ ୪୨ ବର୍ଷ ହେଲା ମେଡିକାଲ ଛକରୁ କଲାଟିଗୁଡା ପ୍ରାୟ ଦେଢ଼ କି.ମି. କେନାଲ ପାଣି ଆଦୌ ଯାଉ ନ ଥିବା ଅଭିଯୋଗ ହେଉଛି। ଏବେ ନୂତନଭାବେ କେନାଲ ନିର୍ମାଣ କରାଯାଉଛି, ଯାହାକି ଜଙ୍ଗଲ ଭିତର ଦେଇ ଯିବ। ଏହି କେନାଲ ତିଆରି ହେଲେ ବାଣ୍ଣଆଗୁଡ଼ା ଏବଂ କଲାଟିଗୁଡ଼ାକୁ ପାଣି ଯିବନାହିଁ ବୋଲି ଲୋକେ ଅଭିଯୋଗକରି ଏହାକୁ ବିରୋଧ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାର ଏଭଳି ଅନାବଶ୍ୟକ ସ୍ଥାନରେ ନୂତନ ଭାବେ କେନାଲ ନିର୍ମାଣ କରାଉଥିବା ଅଭିଯୋଗକରି ବାଣ୍ଣଆଗୁଡା ୱାର୍ଡ ସଭ୍ୟ ପୂର୍ଣ୍ଣ ନାଚିକାଙ୍କ ସମେତ ଗ୍ରାମବାସୀ କାମ ବନ୍ଦ କରାଇଛନ୍ତି। ପାଣି ନ ମାଡ଼ିବା ସତ୍ତ୍ୱେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଶୁଖିଲା କେନାଲ ମରାମତି ଓ ସଫେଇ କରାଯାଉଛି। ଏ ନେଇ ୧୦ଦିନ ପୂର୍ବେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଦୁମ୍ଭାଗୁଡ଼ା ପଞ୍ଚାୟତ ଅଧୀନ ଭିତରବାଗ୍ରୀରେ କରାଯାଇଥିବା କ୍ଷୁଦ୍ର ଜଳ ପ୍ରକଳ୍ପରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ପାଣି ମାଡୁ ନାହିଁ; ଯାହାକି ଏକ ବିଫଳ ପ୍ରୋଜେକ୍ଟ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଶହ ଶହ ଚାଷୀ ନିଜ ଜମିକୁ ପାଣି ନ ମାଡିବା ସତ୍ତ୍ୱେ ଜଳକର ଦେଇ ଆସୁଥିବା କହିଛନ୍ତି। ଏହାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ଦାବି କରିଛନ୍ତି। ଏନେଇ ଏମ୍‌ଆଇ ଡିଭିଜନର କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପୂଜାରୀଙ୍କୁ ପଚାରିବାରୁ ନିୟମ ଅନୁସାରେ କାମ କରାଯାଉଛି ବୋଲି କହିଛନ୍ତି।

## ନିର୍ମାଣାଧୀନ କଲ୍‌ଭର୍ଟ ପାଖରେ ବିପଦସଙ୍କୁଳ ବିଦ୍ୟୁତ୍‌ଖୁଣ୍ଟ

ନନ୍ଦପୁର, ୨୫।୩(ତୁଷାର କାନ୍ତ ମହାନ୍ତି)


କଲ୍‌ଭର୍ଟ ପାଖରେ ଥିବା ବିପଦସଙ୍କୁଳ ବିଦ୍ୟୁତ୍‌ଖୁଣ୍ଟ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ମାଳିବେଲଗାଁ ପଞ୍ଚାୟତ ଦେଇ ଯାଇଥିବା ଆର୍‌ଡ଼ି ରାସ୍ତାର କମାରବେଲଗାଁ ଗ୍ରାମ ନିକଟରେ କିଛିଦିନ ତଳେ ଏକ କଲଭର୍ଟ ଭୁଶୁଡ଼ି ପଡ଼ିଥିଲା। ଏବେ ଉକ୍ତ କଲଭର୍ଟରେ ଆର୍‌ଡ଼ି ବିଭାଗ ପୁନଃ ନିର୍ମାଣ କରୁଛି। ଉକ୍ତ କଲଭର୍ଟ ନିକଟରେ ବିପଦସଙ୍କୁଳ ଅବସ୍ଥାରେ ଏକ ଲୁହା ବିଦ୍ୟୁତ୍ ଖୁଣ୍ଟ ରହିଛି। ସେଥିରେ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ ରହିଛି। ପାଖରେ ସ୍କୁଲ ଓ ମଙ୍ଗଳ ବିଭାଗର ସେବାଶ୍ରମ ରହିଛି। ଗ୍ରାମର ମହିଳା, ଶିଶୁ, କିଶୋରୀ ଉକ୍ତ କଲଭର୍ଟ ତଳେ ପ୍ରବାହିତ ପାଣିରେ ଦୈନନ୍ଦିନ କାର୍ଯ୍ୟ ଯଥା ଗାଧୁଆ, ବାସନ ମଜା ଓ ଲୁଗା ସଫା ଆଦି କରନ୍ତି। ତେଣୁ ଉକ୍ତ ବିପଦସଙ୍କୁଳ ବିଦ୍ୟୁତ୍‌ଖୁଣ୍ଟ ଯୋଗୁ କୌଣସି ସମୟରେ ଦୁର୍ଘଟଣା ଘଟିପାରେ ବୋଲି ଗ୍ରାମବାସୀ, ସରପଞ୍ଚ ପ୍ରହ୍ଲାଦ ମୁଦୁଲି ଓ ସମିତି ସଭ୍ୟ ମଙ୍ଗୁଲୁ ଖରା ପ୍ରମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ କୌଣସି ଦୁର୍ଘଟଣା ପୂର୍ବରୁ ବିପଦସଙ୍କୁଳ ଅବସ୍ଥାରେ ଥିବା ଉକ୍ତ ବିଦ୍ୟୁତ୍ ଖୁଣ୍ଟକୁ ବଦଳାଯିବା ସହ କଲଭର୍ଟ ପାର୍ଶ୍ୱରୁ ସ୍ଥାନାନ୍ତର କରିବାକୁ ଲୋକେ ଦାବି କରିଛନ୍ତି। କଲଭର୍ଟ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ଆର୍‌ଡ଼ି ବିଭାଗ ଯନ୍ତ୍ରୀ ଶ୍ରୀନିବାସ ଚୌଧୁରୀଙ୍କୁ ପଚାରିବାରୁ କାର୍ଯ୍ୟ ଆରମ୍ଭବେଳେ ଉକ୍ତ ବିଦ୍ୟୁତ୍ ପୋଲଟି ସମ୍ପୂର୍ଣ୍ଣ ନଇଁ ପଡ଼ିଥିଲା। ସେତେବେଳେ ଟିପି ଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେମାନେ କେବଳ ପୋଲ ତଳେ କଂକ୍ରିଟ ଦେଇ ସିଧା କରିଥିଲେ। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ପୋଲଟି ଅନ୍ୟତ୍ର ସ୍ଥାନାନ୍ତର ହେଲେ ଭଲ ହେବ ବୋଲି ସେ କହିଛନ୍ତି। ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନଦେବାକୁ ଲୋକେ ଦାବି କରିଛନ୍ତି।

## ଘଣ୍ଟଯାତ୍ରାରେ ଯୋଗଦେଲେ ଜୟପୁର ରାଜା


ଜୟପୁର ରାଜାଙ୍କୁ ସ୍ୱାଗତ କରାଯାଉଛି।

କୁନ୍ଦୁରା, ୨୫।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଘିଉରିଆଗୁଡ଼ାରେ ପାରମ୍ପରିକ ରୀତିରେ ଘଣ୍ଟଯାତ୍ରା ପାଳିତ ହୋଇଛି। ଜୟପୁର ରାଜା ଶ୍ରୀଶ୍ରୀ ବିଶ୍ୱେଶ୍ୱର ଚନ୍ଦ୍ରଚୂଡ଼ ଯୋଗ ଦେଇଥିଲେ। ଦେବୀ ବଣ୍ଡାବାଘ, ଜୟ ଗୋପାଳ ପୂଜକ କଟିଆ ପରିବାରରୁ ବାହାରି ଗାଁ ଠାକୁରାଣୀ ମନ୍ଦିରକୁ ଆସିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପରୁଆର ସାଙ୍ଗକୁ ଶିରା ଲାଠି, କୁର୍ସୀ, ପାରମ୍ପାରିକ ମହୁରିଆ ବାଦ୍ୟ ସହ ଗାଁ ପରିକ୍ରମା କରିଥିଲେ। ପ୍ରତି ଘରେ ଦେବୀ ବୁଲିବାପରେ ଦେବୀ ନିଜ ପୀଠକୁ ଫେରିଥିଲେ।

ଜୟପୁରର ସ୍ୱତନ୍ତ୍ର ସୁରକ୍ଷା ଟିମ ସହ ରାଜା ପହଞ୍ଚିଥିଲେ। ରାଜାଙ୍କୁ ପୂର୍ବ ପରମ୍ପରା ଅନୁସାରେ ସମ୍ମାନିତ କରାଯାଇଥିଲା। ଗାଁ ଠାକୁରାଣୀ ପିଠରୁ ବଣ୍ଡାବାଘ ପିଠ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସିଂହାସନରେ ରାଜାଙ୍କୁ କାନ୍ଧରେ ବୋହି ନିଆଯାଇଥିଲା। ପୂଜାର୍ଚ୍ଚନା ପରେ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ରାଜା ଖୁସିବ୍ୟକ୍ତ କରିଥିଲେ। ସମସ୍ତଙ୍କ ମଙ୍ଗଳ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଥିବା ରାଜା କହିଥିଲେ। ତେବେ ରାଜାଙ୍କୁ ସୁସଜ୍ଜିତ ପାଲିଙ୍କିରେ ବୋହି ନୋବ ମୁଖ୍ୟ ଆକର୍ଷଣ ଥିଲା। ରାଜା ଶାସନ ସମୟରେ ରାଜାଙ୍କ ନିକଟରେ ଯେଉଁ ସବୁ ବ୍ୟବସ୍ଥା ରହୁଥିଲା ସେ ସବୁର ବ୍ୟବସ୍ଥା କରାଯାଇଥିଲା। ଯେପରିକି ଚାମର, ଛତ୍ର, ମୟୁର ପୁଚ୍ଛ, ସେନାସେଲ, ତରାସ, ଛତା ତରସ, ବିଛଣା ଆଦି ରହିଥିଲା। ପ୍ରଥା ଅନୁସାରେ ମଞ୍ଚରେ ରାଜାଙ୍କ ସହ ରାଜ ପୁରୋହିତ ପୁରୁଷୋତ୍ତମ ନନ୍ଦ, ଗୁମାସ୍ତା କିଷାନ ରାଥୋଡ଼, ରାଜ ପରିବାର କର୍ମଚାରୀ ନରସିଂହ ନାଇଡୁ, ବାଗଦେରୀ ମୌଠାର ମୁଠାଧିସ ତୁଳାଚନ୍ଦ୍ର ସାହୁ, ଆବାହକ ତଥା ପୂଜକ ସୀତାରାମ କଟିଆ, ସ୍ଥାନୀୟ ପୁରୋହିତ ସାରଥି ଚରଣ ତ୍ରିପାଠୀ ଉପସ୍ଥିତ ଥିଲେ। ଗ୍ରାମବାସୀ ଚୂଡ଼ାମଣି ବିଶୋୟୀ ଏବଂ ଭୂମିଆ ସମାଜ ପ୍ରତିଷ୍ଠାତା ତ୍ରିନାଥ ସମରଥ ମଞ୍ଚ ପରିଚାଳନା କରିଥିଲେ। କୁନ୍ଦୁରା ଥାନା ଅଧିକାରୀ ଅଶ୍ୱନୀ କୁମାର ପଟ୍ଟନାୟକ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ଯାତ୍ରାରେ କୁନ୍ଦୁରା ଓ ବୈପାରୀଗୁଡ଼ା ଅଞ୍ଚଳର ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ଚଳିତ ବର୍ଷ ଯାତ୍ରାରେ କୁନ୍ଦୁରା ଓ ବୈପାରୀଗୁଡ଼ା ଅଞ୍ଚଳର ବହୁ ଭକ୍ତଙ୍କ ଭିଡ଼ ଜମିଥିଲା।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ପରିବାରର ହତ୍ୟା ଅଭିଯୋଗ

କୋରାପୁଟ, ୨୫।୩ (ଅମିତାଭ ବେହେରା)

କୋରାପୁଟ ପିଏଚ୍‌ଡି କଲୋନି ନିକଟ ନୂଆସାହିରେ ଜଣେ ୨୨ ବର୍ଷୀୟ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି। ମୃତକ ହେଲେ ଗାଁର ଚନ୍ଦ୍ର ମୁଦୁଲିଙ୍କ ସ୍ତ୍ରୀ ସପତି।

ମଙ୍ଗଳବାର ରାତିରେ ସପତି ବେକରେ ଦଉଡି ଦେଇ ଆତ୍ମ ହତ୍ୟା କରିଥିବା ନେଇ ଚନ୍ଦ୍ର ଶ୍ୱଶୁର ଘର ଲୋକ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଚନ୍ଦ୍ର ଘରୁ ଫେରାର ହୋଇ ଯାଇଥିଲେ। ଚନ୍ଦ୍ର ମୁଦୁଲି ଗତ ୩ ବର୍ଷ ତଳେ ଦଶମନ୍ତପୁର ବ୍ଲକର ଲୁଲା ପଞ୍ଚାୟତ ଅଧୀନ ନେରକାଗୁଡ଼ା ଗ୍ରାମର ସପତିଙ୍କୁ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ କଳହ ଲାଗିରହୁଥିବା ମୃତା ମହିଳାଙ୍କ ଭାଇ ଅଲେଖ ମୁଦୁଲି ଅଭିଯୋଗ କରିଛନ୍ତି। ଚନ୍ଦ୍ର ସପତିଙ୍କୁ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ସେ ଅଭିଯୋଗ କରିଛନ୍ତି। ବୁଧବାର ଘଟଣାସ୍ଥଳରେ କୋରାପୁଟ ଟାଉନ ପୋଲିସ ଓ ସାଇଣ୍ଟିଫିକ ଦଳ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ କଲେଜକୁ ପଠାଇଛନ୍ତି।

## ଗୃହ ଗଣନା ନେଇ ପ୍ରଶିକ୍ଷଣ


ଶିବିରରେ ଉପସ୍ଥିତ ପ୍ରଶିକ୍ଷକମାନେ।

ସୁନାବେଡା, ୨୫।୩(କୃତ୍ତିବାସ ପ୍ରଧାନ)

ଆସନ୍ତା ୨୦୨୭ ବର୍ଷ ପାଇଁ ଗୃହ ଗଣନା କାର୍ଯ୍ୟକ୍ରମ ଉପରେ ସୁନାବେଡ଼ା ପୌର ପ୍ରଶାସନ ପକ୍ଷରୁ ଏକ ୭ ଦିନିଆ ପ୍ରଶିକ୍ଷଣ ଶିବିର କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଶିବିରରେ ୨ ପ୍ରଶିକ୍ଷକ ଆଲୋକ ଥାନପତି ଓ ଡ଼ ରମେଶ ମଲ୍ଲିକ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଚଳିତ ମାସ ୨୩ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ୧୬ରୁ ଗୃହ ଗଣନା କାର୍ଯ୍ୟ ଆରମ୍ଭ ହେବ ଓ ଏହା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ତେବେ ପୌରାଞ୍ଚଳର ଏହି ଗଣନା କାର୍ଯ୍ୟରେ ୧୫୦ ଜଣ ନିୟୋଜିତ ହେବେ। ପ୍ରତ୍ୟେକ ୫୦ ଜଣକୁ ନେଇ ଗୋଟିଏ ଗୋଟିଏ ଟିମ ଗଠନ କରି ପ୍ରଶିକ୍ଷଣ ଦିଆଯାଉଛି। ଏହି ପ୍ରଶିକ୍ଷଣ ଶିବିରକୁ ଲକ୍ଷ୍ମୀଧର ମହାପାତ୍ର ପରିଚାଳନା କରିଥିଲେ।

## ବିଶେଷଜ୍ଞ ନିଯୁକ୍ତି, ଯନ୍ତ୍ରପାତି ଲଗାଇବାକୁ ଦାବି

ଜୟପୁର, ୨୫।୩(ପବନ ପାଣିଗ୍ରାହୀ)


ଆଇଟିଡିଏ ପିଏ ଦାବିପତ୍ର ଗ୍ରହଣ କରୁଛନ୍ତି।

କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିବା ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି। ବୁଧବାର ସାମାଜିକ କର୍ମୀ ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ଜୟପୁର ଉପଜିଲାପାଳ ଦାୟିତ୍ୱରେ ଥିବା ପିଏ ଆଇଟିଡିଏ ତୃପ୍ତି ବରାଇଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଦୀର୍ଘ ବର୍ଷ ପରେ ଜୟପୁରରେ ଏକ ଉନ୍ନତ ଧରଣର ମେଡିକାଲ ଖୋଲାଯାଇଛି। ଆଖପାଖ ଲୋକଙ୍କୁ ଉତ୍ତମ ଚିକିତ୍ସା ଦେବା ଏହାର ଲକ୍ଷ୍ୟ ଥିଲା। କିନ୍ତୁ ଏବେ ସେଠାରେ ବରିଷ୍ଠ ବିଶେଷଜ୍ଞ ଡାକ୍ତର ନାହାନ୍ତି। କନିଷ୍ଠ ଡାକ୍ତରଙ୍କୁ ନେଇ ଚିକିତ୍ସାଳୟ ଚାଲିଛି। ଗୁରୁତର ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଠାରେ ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଉଛି। ସେଠାରୁ ବ୍ରହ୍ମପୁର, କଟକ କିମ୍ବା ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଛି। ଏତେ ଭିତରେ କେତେଜଣ ରୋଗୀଙ୍କ ମୃତ୍ୟୁ ହୋଇଯାଉଥିବା ନଜିର ରହିଛି। ଏହାର ମୁଖ୍ୟ କାରଣ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ, ବିଶେଷଜ୍ଞ ଡାକ୍ତର ଅଭାବ ଓ ଯନ୍ତ୍ରପାତି ନ ଥିବା ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେଇ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ସିଟି ସ୍କାନ୍ ଅନ୍ୟ ଯନ୍ତ୍ରପାତି ଲଗାଇବା ଦାବି କରାଯାଇଛି। ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ଓ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରାଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋରାପୁଟ, ୨୫।୩(ଅମିତାଭ ବେହେରା)

କୋରାପୁଟ ଦୁରୁଗୁଡ଼ା ଗ୍ରାମର ଏକ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ତପନ ବାଲାପୁଟିଆ (୧୮)। କୋରାପୁଟ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସୂଚନାନୁଯାୟୀ, ତପନ ଛୋଟବେଳୁ ଦୁରୁଗୁଡ଼ାସ୍ଥିତ ଦାଦା ଘରେ ରହି ଆସୁଥିଲେ। କୋରାପୁଟର ଏକ ଗ୍ୟାରେଜରେ କିଛି ମାସ ହେବ ସେ କାମ କରୁଥିଲେ। ବୁଧବାର ସକାଳୁ ତାଙ୍କର ଦେଖା ନ ମିଳିବାରୁ ଖୋଜା ଖୋଜି ଆରମ୍ଭ ହୋଇଥିଲା। ତେବେ ରାତିରେ ଶୋଉଥିବା ଘର ସବୁଆଡେ ବନ୍ଦ ଥିବାରୁ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା। ପରେ ଘରର କବାଟ ଭାଙ୍ଗିବାରୁ ଭିତରେ ତପନଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରଜୁକରି ତଦନ୍ତ ଜାରି ରଖିଛି।

## ଶେଷ ପର୍ଯ୍ୟାୟରେ ରାମନବମୀ ପ୍ରସ୍ତୁତି

କୋରାପୁଟ, ୨୫।୩(ଅମିତାଭ ବେହେରା)

ଆସନ୍ତା ୨୭ ତାରିଖରେ ରାମ ନବମୀ ଉତ୍ସବ ପାଳନ କରାଯିବ। ଏ ନେଇ କୋରାପୁଟ ସହରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। କୋରାପୁଟ ସହରର ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକ, ପୂଜାରୀପୁଟ ରାମ ମନ୍ଦିର, ଗାନ୍ଧିନଗର ଛକ, ଗୁଣ୍ଡିଚା ଛକ, ଟ୍ରାଫିକ ଛକ, ବସଷ୍ଟାଣ୍ଡ, କଳାନିକେତନ ଛକ, ଡିଏନକେ ଛକ ଆଦି ବିଭିନ୍ନ ମୁଖ୍ୟ ଅଞ୍ଚଳରେ ଗେରୁଆ ପତାକା ସହ ପ୍ରଭୁ ଶ୍ରୀରାମ, ହନୁମାନଙ୍କ ବଡ଼ ବଡ଼ ପୋଷ୍ଟର ମାନ ଲଗାଯାଇଛି। କୋରାପୁଟ ଶ୍ରୀ ରାମ ନବମୀ ଆୟୋଜକ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋର ସୋରରେ ଚାଲିଛି ବୋଲି ସମ୍ପାଦକ ସନ୍ତୋଷ ଜେନା କହିଛନ୍ତି। ରାମନବମୀ ଅପରାହ୍ନରେ କୋରାପୁଟ ସହରରେ ଏକ ବିଶାଳ ଶୋଭାଯାତ୍ରା କରାଯିବ। ସହରର ସ୍ଥାନୀୟ ଗାନ୍ଧୀନଗରର ହନୁମାନ ମନ୍ଦିରରୁ ଏହି ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୂଜାରୀପୁଟ ରାମ ମନ୍ଦିର ପର୍ଯ୍ୟନ୍ତ ଯିବ। ୩ ଶହରୁ ଉର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ସହ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

## ବକ୍ସିଂ ଷ୍ଟେଟ୍ ଚାମ୍ପିୟନଶିପ୍‌ରେ କୋରାପୁଟରୁ ୫ ପ୍ରତିଯୋଗୀ

ଜୟପୁର, ୨୫।୩(ପବନ ପାଣିଗ୍ରାହୀ)

ରାଉରକେଲାଠାରେ ଗୁରୁବାରଠାରୁ ୨ ଦିନ ଧରି ଅନୁଷ୍ଠିତ ହେଉଥିବା ବକ୍ସିଂ ଷ୍ଟେଟ୍ ଚାମ୍ପିୟନସିପରେ କୋରାପୁଟ ଜିଲାରୁ ୫ ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ସେମାନେ ହେଲେ ଏମ୍ ଜୀବନ, ଭି. ଯସବନ୍ତ, ତ୍ରିଦେବ ସାମଲ, ଏସ୍. ବିବେକ ଏବଂ ଈଶାନ୍ତ ପାଇକ। କୋରାପୁଟ ଜିଲା କ୍ରୀଡା ସମ୍ପାଦକ ଅନୁପ କୁମାର ପାତ୍ର ଏବଂ ସବ୍ ଡିଭିଜନାଲ୍ ଆଥେଲେଟିକ ସେକ୍ରେଟାରୀ ରବି ନାୟକଙ୍କ ପ୍ରେରଣା ଯୋଗାଇଥିବା ସେମାନେ କହିଛନ୍ତି। କୋରାପୁଟ ଜିଲାରୁ ଅଂଶଗ୍ରହଣ କରିଥିବା ୫ ଜଣ ମୁଷ୍ଟି ଯୋଦ୍ଧା ଜୟପୁରସ୍ଥିତ ଅରିଜିତ ବକ୍ସିଂ କ୍ଲବ୍‌ରେ ପ୍ରଶିକ୍ଷଣ ନେଇଥିଲେ। ଖେଳାଳିମାନେ ସଫଳତା ହାସଲ କରି କୋରାପୁଟ ଜିଲାକୁ ଗୌରବାନ୍ୱିତ କରିବା ବୋଲି ଜିଲା ବକ୍ସିଂ ଆସୋସିଏଶନ ସଭାପତି ଶଶିଭୂଷଣ ଦାଶ କହିଛନ୍ତି।

## ବନାଗ୍ନି ପ୍ରତିରୋଧ ସଚେତନତା ଶିବିର

କୁନ୍ଦୁରା, ୨୫।୩(ସନ୍ତୋଷ ପ୍ରହରାଜ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କୋରାପୁଟ ଜିଲା କୁନ୍ଦୁରା ବନାଞ୍ଚଳ ଅଧୀନ ଆସନାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ଅମ୍ବୁ ପାତ୍ର, କୋଟପାଡ଼ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଅଗ୍ନିଶମ ଅଧିକାରୀ ସରୋଜ ଭୂତିଆ, କୁନ୍ଦୁରା ବନଖଣ୍ଡ ରେଞ୍ଜର ବିଶ୍ୱନାଥ ମାଣ୍ଡିଙ୍ଗା, ଗୁପ୍ତେଶ୍ୱର ରେଞ୍ଜର ଛବିନ୍ଦ୍ର ରନ୍ଧାରୀ, ସରପଞ୍ଚ ବାସନ୍ତୀ କୁସପାରିଆ, ବନସୁରକ୍ଷା ସମିତି ବ୍ଲକ ସଭାପତି ଚନ୍ଦ୍ର ସଗରିଆ, ଭାଜପା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୨୪ ବନସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ମହୁଲ ଫୁଲ ସଂଗ୍ରହ ପାଇଁ ଲୋକେ ଶୁଖିଲା ପତ୍ରରେ ନିଆଁ ଲାଗାଇ ଥାଆନ୍ତି। ବେଳେବେଳେ ବିଡି ସିଗାରେଟ ଦ୍ୱାରା ମଧ ଜଙ୍ଗଲରେ ପଡିଥିବା ପତ୍ରରେ ନିଆଁ ଲାଗେ। କିନ୍ତୁ ନିଆଁ ଲିଭା ନ ଯିବାରୁ ଧୀରେଧୀରେ ଏହା ଜଙ୍ଗଲକୁ ବ୍ୟାପିଥାଏ। ଫଳରେ ଔଷଧୀୟ ଗଛ ଓ ପଶୁ ପକ୍ଷୀଙ୍କ ଜୀବନ ହାନି ହୁଏ ବୋଲି ଅତିଥିମାନେ କହିଥିଲେ। ଏଥିଲାଗି କୁନ୍ଦୁରା ବନାଞ୍ଚଳରେ ପ୍ରାୟ ୫୬ କିଲୋମିଟର ପର୍ଯ୍ୟନ୍ତ ଫାଇର ଲାଇନ କଟା ଯାଇଛି। ନିଆଁ ଦାଉରୁ ଜଙ୍ଗଲ ରକ୍ଷା, ନିକଟସ୍ଥ ଗ୍ରାମର ଲୋକମାନଙ୍କୁ ସଚେତନ ସହ ବନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କାର୍ଯ୍ୟକ୍ରମରେ ସ୍ଥିର ହୋଇଛି। ସମସ୍ତଙ୍କୁ ସହଯୋଗ କରିବା ପାଇଁ ଅତିଥିମାନେ ନିବେଦନ କରିଥିଲେ। ଲୋକମାନଙ୍କୁ ସଚେତନ କରିବା ପାଇଁ ଲିମା ବନପାଳ ଦେବେନ୍ଦ୍ର ନାୟକ ଏବଂ କୁନ୍ଦୁରା ବନପାଳ ଅରୁଣ ଜେନା, ସୁନିତା ଖେମୁଡୁ, ବନରକ୍ଷୀ ବନ୍ଦନା ଦାସ, ଦୀପକ ଚୌଧୁରୀ, ସମସ୍ତ କର୍ମକର୍ତ୍ତା, ପାରା ଷ୍ଟାଫ, ଗ୍ରାମ ବିକାଶ ସଙ୍ଗଠନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୁଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା ପରେ ୯୭ଜଣଙ୍କୁ ମାଗଣା ବସ୍ ପାସ୍

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋରାପୁଟ, ୨୫।୩ (ଅମିତାଭ ବେହେରା)


ଶିବିରରେ ଦିବ୍ୟାଙ୍ଗମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି।

କୋରାପୁଟ ବ୍ଲକ ଏବଂ ପୌର ପ୍ରଶାସନର ମିଳିତ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଅଧ୍ୟାପନା ପ୍ରକୋଷ୍ଠଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋରାପୁଟ ବ୍ଲକ ଓ ପୌରପାଳିକାରୁ ମୋଟ ୨୧୬ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। କୋରାପୁଟ, ଜୟପୁରରୁ ବିଭିନ୍ନ ବିଶେଷଜ୍ଞ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ। ବାଣିଶ୍ରୀ ଛାତ୍ର ବୃତ୍ତି ପାଇଁ ୨ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ୬ଜଣ ମଧୁବାବୁ ପେନ୍‌ସନ ଏବଂ ୩ ଜଣ ଦିବ୍ୟାଙ୍ଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନପତ୍ର ଦାଖଲ କରିଥିଲେ। ୯୭ ଜଣ ଦିବ୍ୟାଙ୍ଗଙ୍କୁ ମାଗଣା ବସ୍ ପାସ୍ ଦିଆଯାଇଛି। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ କୋରାପୁଟ ବିଡିଓ ଡ. ଦେବାଶିଷ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟି. ସୁରଭି, କନିଷ୍ଠ ସହାୟିକା ପିଙ୍କି ଅଡ଼ାରୀ, କାର୍ଯ୍ୟକ୍ରମ ସହାୟକ ୱାଇ. ସୁନୀଲ କୁମାର, କାର୍ଯ୍ୟକ୍ରମ ସହାୟକ ନୀତିନ୍ କୁମାର ଭୁକ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

